# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**22 June – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ଅଘଟଣମୁକ୍ତ ରଥଯାତ୍ରାର ଆୟୋଜନ ନେଇ ସମୀକ୍ଷା ବୈଠକରେ ଗୁରୁତ୍ୱ ଦେଲେ ମୁଖ୍ୟମନ୍ତ୍ରୀ ।

- ରଥଯାତ୍ରା ସମୟରେ ପୂର୍ବତଟ ରେଳପଥ ପକ୍ଷରୁ ଚଳାଚଳ କରିବ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ।

- ଗଞ୍ଜାମ ଜିଲ୍ଲା ଆସିକାଠାରେ ଆସନ୍ତାକାଲି ଯୁବଶକ୍ତି ସମାବେଶରେ ଯୋଗଦେବେ ମୁଖ୍ୟମନ୍ତ୍ରୀ ।

- ଚଳିତ ଖରିଫ ଋତୁରେ ୧୮ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର ।

ଏବଂ

- ରାଜପ୍ରସାଦ ବିଜେ ନୀତିରେ ମହାପ୍ରଭୁ ସୁସ୍ଥ ହୋଇଥିବା ନେଇ ଗଜପତି ମହାରାଜଙ୍କୁ ଅବଗତ କରାଇଲେ ଦଇତାପତି ସେବକ ।

# ରଥଯାତ୍ରା-ବୈଠକ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ସୁପରିଚାଳନା ନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ପୁରୀ ପୌରସଦନଠାରେ ପୂର୍ବାହ୍ନରେ ହୋଇଥିବା ବୈଠକରେ ରଥଯାତ୍ରା ସମୟରେ ଶୃଙ୍ଖଳିତ ଦର୍ଶନ, ପରିମଳ ବ୍ୟବସ୍ଥା, ଟ୍ରାଫିକ ପରିଚାଳନା, ସୁରକ୍ଷା ତଥା ରଥଯାତ୍ରାର ବିଭିନ୍ନ ନୀତିନିର୍ଘଣ୍ଟ ନେଇ ବିସ୍ତୃତ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀ ଅଘଟଣମୁକ୍ତ ରଥଯାତ୍ରାର ଆୟୋଜନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ରଥଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ସେହିଭଳି ପୂର୍ବତଟ ରେଳପଥ ପକ୍ଷରୁ ମଧ୍ୟ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଛି । ତେବେ ରଥଯାତ୍ରା ପ୍ରସ୍ତୁତି ନେଇ ଶୁଣନ୍ତୁ ଏକ ରିପୋର୍ଟ...

*ରଥଯାତ୍ରାକୁ ପ୍ରସ୍ତୁତିକୁ ନେଇ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିବାବେଳେ ରଥଯାତ୍ରା ସମୟରେ ସୁରକ୍ଷାର ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କହିଛନ୍ତି । ଶ୍ରୀ ଖୁରାନିଆ କହିଛନ୍ତି ପୁରୀ ସହରକୁ ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ୨୭୫ଟି ଏଆଇ କ୍ୟାମେରା ଜଗିବ । ଏହାସହ କ୍ୱିକ୍ ରେସପନ୍ସ ଟିମ୍ ଏବଂ ଡ୍ରୋନ୍‌ର ସହାୟତା ନିଆଯିବ ବୋଲି ପୁଲିସ ମହାନିର୍ଦ୍ଦେଶକ କହିଛନ୍ତି...*

**- V/O -**

*ରଥଯାତ୍ରାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଛି । ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳ ସମେତ ଅନ୍ୟକେତେକ ରାଜ୍ୟରୁ ପୁରୀକୁ ଯୋଡ଼ିବା ପାଇଁ ଟ୍ରେନ୍ ଚଳାଚଳ କରିବ । ସ୍ୱତନ୍ତ୍ର ଟ୍ରେନ୍ ରାଉରକେଲା, ବାଲେଶ୍ୱର, ଅନୁଗୁଳ, ସମ୍ବଲପୁର, କଟକ, ବିଶାଖାପାଟଣା, ଛତିଶଗଡ, କଲିକତା ଆଦି ସ୍ଥାନକୁ ସଂଯୋଗ କରିବ । ଆକାଶବାଣୀ ସମ୍ବାଦ ବିଭାଗ କଟକ ପାଇଁ ମୁଁ ସରିତା ସାହୁ ।*

# ଯୁବଶକ୍ତି ସମାବେଶ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଗଞ୍ଜାମ ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ଆସିକାସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଖେଳପଡିଆରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବଶକ୍ତି ସମାବେଶକୁ ଉଦ୍‌ଘାଟନ କରିବେ । ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ମା' ଖମ୍ବେଶ୍ୱରୀଙ୍କ ଦର୍ଶନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେବେ ।

# ଆଲୁମିନିୟମ୍ ପ୍ଲାଣ୍ଟ ପ୍ରତିଷ୍ଠା

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ନୂତନ ଆଲୁମିନିୟମ୍ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଏଥିପାଇଁ ୧ ଲକ୍ଷ ୨୮

ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ପ୍ରାୟ ୪୦ ହଜାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିବ ବୋଲି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

## ମାଗଣା ପୋଷାକ

ଚଳିତ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସମେତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନସ୍ଥ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ମାଗଣା ପୋଷାକ ବଣ୍ଟନ ପ୍ରକ୍ରିୟା ଶେଷ କରାଯିବ। ଓସେପା ପକ୍ଷରୁ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖାଯିବା ସହ ମାର୍ଗଦର୍ଶିକା ଜାରି କରାଯାଇଛି। ସୂଚନାଯୋଗ୍ୟ ବିଭାଗ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ୫୦୦ ଟଙ୍କା ମୂଲ୍ୟର ଦୁଇହଳ ପୋଷାକ ବଣ୍ଟନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ରାଜସ୍ୱମନ୍ତ୍ରୀ–ସମଲେଇ ଦର୍ଶନ

ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁରରେ ମା' ସମଲେଇଙ୍କ ଦର୍ଶନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଜନ ପ୍ରତିନିଧି ଜନତାଙ୍କ ପାଖରେ ଉତ୍ତରଦାୟୀ ରହିବା ଆବଶ୍ୟକ । ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ରାଜସ୍ୱ ବିଭାଗରେ ଅନେକ ସଂସ୍କାର ଅଣାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

## ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଦ୍ୱାରା ଜନସାଧାରଣଙ୍କୁ ସୂଚିତ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଖରିଫ ଧାନ ସଂଗ୍ରହ

ଚଳିତ ଖରିଫ ଋତୁରେ ୧୮ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯିବ ବୋଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଗତ ରବି ଋତୁରେ ୭୪ଲକ୍ଷ ମେଟ୍ରିକ ଟନ୍ ଧାନ ଚାଷୀମାନଙ୍କଠାରୁ ସଂଗ୍ରହ କରାଯାଇଥିଲା । ବର୍ଷାଋତୁ ପୂର୍ବରୁ ଚାଷୀମାନଙ୍କୁ ଟୋକନ ଦେବା ସହ ଧାନସଂଗ୍ରହ କରାଯିବ । ତେବେ ଚଳିତମାସ ୩୦ ତାରିଖ ସୁଦ୍ଧା ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ବୋଲି ଯୋଗାଣମନ୍ତ୍ରୀ କହିଛନ୍ତି ।

## ଉପସଚିବଙ୍କ ବୌଦ୍ଧ ଜିଲ୍ଲା ଗସ୍ତ

କେନ୍ଦ୍ର ସରକାରଙ୍କର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଉପସଚିବ ସତୀଶ କୁମାର ସିଂହ ଆଜି ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି । ଶ୍ରୀ ସିଂହ ଏହି ସମୟରେ ଆଦିବାସୀ କଲ୍ୟାଣ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ଏଥିସହିତ ଧରତି ଆବା ଜନଜାତି ଗ୍ରାମୀଣ ଉଦ୍ୟୋଗ ଅଭିଯାନ ଅଧୀନରେ ଆମ୍ବ ଗାଁ, ଉମା, ଖୁଣ୍ଟିଗୋରା ଗ୍ରାମପଞ୍ଚାୟତ ସହିତ

ଗୋଛାଗୋରା ଗ୍ରାମ ପରିଦର୍ଶନ କରିଥିଲେ । ସ୍ଥାନୀୟ ଆଦିବାସୀଙ୍କ ସହିତ ଶ୍ରୀ ସିଂହ ଆଲୋଚନା କରି ସେମାନଙ୍କର ଆବଶ୍ୟକତା ଏବଂ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ପଚାରି ବୁଝିଥିଲେ । ଏହି ଅବସରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଜଙ୍ଗଲ ଅଧିକାର ଆଇନ୍ ଅନୁଯାୟୀ ଅଧିକାର ରେକର୍ଡ ବା ଆର୍‌ଓଆର୍ ବଣ୍ଟନ କରାଯାଇଥିଲା ।

## ସପ୍ଲିମେଣ୍ଟାରୀ ପରୀକ୍ଷା-ପ୍ରବେଶ ପତ୍ର

ଓଡ଼ିଶା ଶିକ୍ଷା ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ମେଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ପ୍ରବେଶପତ୍ର ଉପଲବ୍ଧ ହୋଇଛି । ଛାତ୍ରଛାତ୍ରୀମାନେ ବୋର୍ଡର ଓ୍ୱେବ୍‌ସାଇଟ୍ **www.bse.odisha.ac.in** ରେ ପ୍ରବେଶପତ୍ର ଡାଉନ୍‌ଲୋଡ କରିପାରିବେ । ସୂଚନା ଅନୁସାରେ ଆସନ୍ତା ୩୦ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଚଳିତବର୍ଷ ରାଜ୍ୟର ୯୮ଟି ପରୀକ୍ଷା କେନ୍ଦ୍ରରେ ୩ହଜାର ୨୩୨ଜଣ ମେଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ ।

## ରାଜପ୍ରସାଦ ବିଜେ ନୀତି

ପୁରୀ ଶ୍ରୀକ୍ଷେତ୍ରରେ ଆଜି ଆଷାଢ଼ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ରାଜପ୍ରସାଦ ବିଜେ ନୀତି ଅନୁଷ୍ଠିତ ହୋଇଛି । ଦଇତାପତି ସେବକମାନେ ଗଜପତି ମହାରାଜାଙ୍କୁ ମହାପ୍ରଭୁ ସୁସ୍ଥ ହେବା ସମ୍ପର୍କରେ ଅବଗତ କରାଇଛନ୍ତି । ଏହାସହ ରଥଯାତ୍ରା ଓ ଗୁପ୍ତ ନୀତି ବିଷୟରେ ସୂଚନା ଦେଇଛନ୍ତି । ପରମ୍ପରା ଅନୁସାରେ ଶ୍ରୀମନ୍ଦିରରେ ଆଜି ସକାଳ ଧୂପନୀତି ଶେଷ ହେବା

ପରେ ରାଜପ୍ରସାଦ ବିଜେ ନୀତି ହୋଇଥିଲା । ଅଣସରଘରେ ଗୁପ୍ତ ଉପଚାର ସମୟରେ ଶ୍ରୀଅଙ୍ଗରୁ ଚନ୍ଦନ, କରାଳ, ପାଟଡୋର ଆଦି ବାହାର କରିବାର ପରମ୍ପରା ରହିଛି । ଦଇତାପତି ସେବକମାନେ ପଟୁଆରରେ ନେବାସହ ଗଜପତି ମହାରାଜାଙ୍କୁ ଏହା ପ୍ରଦାନ କରିଥିଲେ । ଶ୍ରୀନଅରରେ ରାଜାଙ୍କ ଛୁଆଁ ଶାଢ଼ୀମାନ ଦଇତା, ପତି ମହାପାତ୍ର, ତଢ଼ାଉ, ଦେଉଳକରଣ ଓ ତଳିଛ ମହାପାତ୍ର ପ୍ରଦାନ କରିଥିଲେ । ଏହାପରେ ସେବକମାନେ ଗଜପତି ମହାରାଜାଙ୍କୁ ମହାପ୍ରଭୁଙ୍କ ସୁସ୍ଥତା ବିଷୟରେ ଜଣାଇଥିଲେ ।

## ଚାରାରୋପଣ

ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳରେ ‘ଏକ ପେଡ ମାଁ କେ ନାମ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌରାଞ୍ଚଳ ଅଧୀନ ୧ ନମ୍ବର ଓ୍ୱାର୍ଡର ଦରଗାଗୁଡା ପଡ଼ିଆରେ ସାମୁହିକ ଚାରାରୋପଣ କରାଯାଇଥିବାବେଳେ ଏଥିରେ ଏସ୍.ଏସ୍.ଜି, ସ୍ଥାନୀୟ ମହିଳା ଏବଂ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ ।

## ସଞ୍ଚାର ବ୍ୟୁରୋରେ ଯୋଗ ଦିବସ

କେନ୍ଦ୍ର ସରକାରଙ୍କ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଭୁବନେଶ୍ୱର କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି । କଟକ ପ୍ରତାପନଗରୀସ୍ଥିତ ମା’ ଧାକୁଲେଇଙ୍କ ପୀଠରେ ଏହି ଶିବିରର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ମାନବ ସମାଜ ଉପରେ ଯୋଗର ପ୍ରଭାବ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ଯୋଗଗୁରୁମାନେ

ଯୋଗାଭ୍ୟାସ କରାଇଥିଲେ । କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା, ମନମୋହନ ପାଢ଼ୀ ଓ ନିର୍ମାଲ୍ୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବିଶ୍ୱ ବୃଷ୍ଟି-ପୁଷ୍ଟ ଅରଣ୍ୟ ଦିବସ

ମନୁଷ୍ୟ ସମାଜ ପାଇଁ ଜଙ୍ଗଲର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ବୃଷ୍ଟି-ପୁଷ୍ଟ ଅରଣ୍ୟ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି ‘ଜଙ୍ଗଲ ଓ ଖାଦ୍ୟ’। ବୃଷ୍ଟି-ପୁଷ୍ଟ ଅରଣ୍ୟକୁ ସୁରକ୍ଷା ପ୍ରଦାନ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ଏବଂ ବର୍ଷାଜଳ ନିୟନ୍ତ୍ରଣ କରିବାରେ ଏହି ଅରଣ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣକୁ ସନ୍ତୁଳିତ ରଖିଥାଏ। ପୃଥିବୀର ଫୁସ୍‌ଫୁସ୍ ଭାବେ  ବିବେଚିତ ଏହି ପ୍ରକାର ଅରଣ୍ୟକୁ ସୁରକ୍ଷା ଦେବାପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

# ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରେ ସକ୍ରିୟ ଥିବାରୁ ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଯାଇଛି । ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ପ୍ରବଳ ବର୍ଷା ଯୋଗୁଁ ଝାଡ଼ଖଣ୍ଡ ଚାନ୍ଦିନୀ ବନ୍ଧ ଫାଟକ ଏବଂ ଗାଲୁଡିହି ବ୍ୟାରେଜ୍‌ରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇଛି। ଫଳରେ ବାଲେଶ୍ୱର ଦେଇ ପ୍ରବାହିତ

ହେଉଥିବା ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇଛି । ରାଜଘାଟଠାରେ ନଦୀର ଜଳସ୍ତର ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।